## ସଂକ୍ଷେପରେ

### ଆତ୍ମହତ୍ୟା ଉଦ୍ୟମ ବେଳେ ଅଟକାଇଲେ ଲୋକେ

ବାଲେଶ୍ୱର, ୨୧।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ): ବାଲେଶ୍ୱର ସହରରୁ ଫୁଲାଡି ଛକକୁ ଯାଇଥିବା ରାସ୍ତାର ନୁଣିଆଯୋଡ଼ିଠାରେ ନିର୍ମାଣ ହେଉଥିବା ପୋଲ ଉପରୁ ଜଣେ ଯୁବକ ସୋମବାର ଅପରାହ୍ନ ୪ଟାରେ ତଳକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ଜାଣିପାରି ଯୁବକଙ୍କୁ ବୁଝାଇଥିଲେ। ମାତ୍ର ଯୁବକ ଜଣକ ବାରମ୍ବାର ତଳକୁ ଡେଇଁ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ। ସହଦେବଖୁଣ୍ଟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଏଭଳି ଚରମ ପଦକ୍ଷେପ ନ ନେବା ପାଇଁ ବୁଝାଇବା ସହ ପୋଲ ତଳେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଜାଲ ବିଛାଇଥିଲେ। ପରେ ପୋଲିସ କୌଶଳକରି ଯୁବକଙ୍କୁ ଉଦ୍ଧାର କରିଥିଲେ। ତେବେ ସମ୍ପୃକ୍ତ ଯୁବକଙ୍କ ବାବଦରେ ସହଦେବଖୁଣ୍ଟା ଥାନା ଅଧିକାରୀ ଆଲୋକ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଯୁବକଙ୍କ ପରିଚୟ ମିଳିନାହିଁ। ତାଙ୍କୁ ଉଦ୍ଧାର କଲା ବେଳେ ସେ ଅସୁସ୍ଥ ହୋଇ ପଡ଼ିବାରୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଛି।

### ଆଖଣ୍ଡଳମଣି ମହାଦେବଙ୍କ ପ୍ରସିଦ୍ଧ ପାଟଯାତ୍ରା

ବାଲିଆପାଳ, ୨୧।୪( ରାଜଶ୍ରୀ ପାଣିଗ୍ରାହୀ): ବାଲିଆପାଳ ବ୍ଲକ କୁଣ୍ଡୁଳିସ୍ଥିତ ପୁରାତନ ଶୈବପୀଠ ଆଖଣ୍ଡଳମଣି ମହାଦେବଙ୍କ ପାଟଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଖଣ୍ଡଳମଣିଙ୍କର ଜାହିରା ଥିବାରୁ ଏହି ପୀଠରେ ଶହ ଶହ ଶ୍ରଦ୍ଧାଳୁ ମାନସିକ ପୂରଣ କରିବା ପାଇଁ ଉପବୀତ ଧାରଣ କରିଥିଲେ। ଦାଣ୍ଡିପଦାଠାରେ ଥିବା ହାକାଣ୍ଡ ପୋଖରୀକୁ ଯାଇ ସ୍ନାନ କରିବା ପରେ ମାଳା, ଚନ୍ଦନି, ମୁକୁଟ ଧାରଣ କରି କେତେକ ଭକ୍ତ ମନ୍ଦିରକୁ ଦେହରେ କଣ୍ଟା ମାରି ନୃତ୍ୟ ପରିବେଷଣ କରିଆସିଥିଲେ। ପରେ ନୀଳ ଦିନ ଉଠାଯାଇଥିବା ଅମ୍ବିକାଠରେ ଭକ୍ତମାନେ ଉଡ଼ିବା ସହିତ ଗ୍ରାମର ମାନସିକ ଥିବା ପିଲାଙ୍କୁ ଗାମୁଛାରେ ବାନ୍ଧି ପାଟ ଭକ୍ତ ଉଡାଇଥିଲେ। ଚଳିତବର୍ଷ ମନ୍ଦିରର ମୁଖ୍ୟ ପୂଜକ ବାଞ୍ଛାରାମ ପଞ୍ଚୋଧ୍ୟାୟ, ପାଟଭକ୍ତ ମିଟିକା ସିଂ, ଘଟୁଆଳ କାଳୀଚରଣ ଜେନା, ଆଲମଧାରୀ ଦେବଦତ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଗ୍ରାମର ମୁଖିଆ ଭୀଷ୍ମ ଚରଣ ମଲ୍ଲିକ, କମିଟି ସଭାପତି ପ୍ରହ୍ଲାଦ ଦଳାଇ, ସମ୍ପାଦକ ବିଶ୍ୱନାଥ ଦଳାଇ, ଉପସଭାପତି ବାବୁ ଦଳାଇ, ନାରାୟଣ ମହାପାତ୍ର, ବରେନ୍ଦ୍ର ନାଥ ଜେନା, ପଞ୍ଚାନନ ଜେନା, ନାରାୟଣ ମଲ୍ଲିକ, ବନମାଳୀ ଦଳାଇ, କିଶୋର ଦଳାଇ, ଭରତ ଦଳାଇ ପ୍ରମୁଖ ସହଯୋଗ କରିଥିଲେ।

### ଇଂରାଜୀ ବିଭାଗ ପକ୍ଷରୁ ନୂତନ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା

ଖଇରା, ୨୧।୪(ଉତ୍କଳବନ୍ଧୁ ପଣ୍ଡା): ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡଃ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଇଂରାଜୀ ବିଭାଗ ତରଫରୁ ନୂତନ ଅଧକ୍ଷ ଭାବେ ପ୍ରାଧ୍ୟାପକ ଡଃ ସରୋଜ କୁମାର ଲେଙ୍କାଙ୍କୁ ସୋମବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ଅଧ୍ୟାପକ ଦତ୍ତାତ୍ରେୟ ଦାଶ ସ୍ୱାଗତଭାଷଣ ଦେଇ ଡଃ ଲେଙ୍କା ଜଣେ ଦୂରଦର୍ଶୀ ମଣିଷ ଥିଲେ। ତାଙ୍କର ଏହି ଶୃଙ୍ଖଳା ମହାବିଦ୍ୟାଳୟ ପ୍ରଗତିରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ବିଭାଗୀୟ ଅଧ୍ୟାପିକା ପୂଜାରାଣୀ ଦାସ ଏବଂ ସମୃଦ୍ଧିବନ୍ଦିତା ଗାହାଣ ପରିଚାଳନାରେ ସହଯୋଗ କରିଥିଲେ।

### ‘ଆନ୍ତର୍ଜାତୀୟ ପ୍ରତିମୂର୍ତ୍ତି ସଫେଇ, ସଂରକ୍ଷଣ ଦିବସ’

ଜଳେଶ୍ୱର, ୨୧।୪(ନବୀନ ସାହୁ): ଜଳେଶ୍ୱରରେ ‘ଆନ୍ତର୍ଜାତୀୟ ପ୍ରତିମୂର୍ତ୍ତି ସଫେଇ ତଥା ସଂରକ୍ଷଣ ଦିବସ’ ଅବସରରେ ‘ବନ୍ଦେ ବରପୁତ୍ରମ୍’ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ସଫେଇ କରାଯାଇଥିଲା। ବ୍ଲକ ପରିସରରେ ଥିବା ଫକୀରମୋହନ ସେନାପତି ଓ ମହାତ୍ମା ଗାନ୍ଧୀ, ପୁରୁଣା କୋର୍ଟରେ ମଧୁସୂଦନ ଦାସ, ପୌର ଉଦ୍ୟାନରେ ଦୀନକୃଷ୍ଣ ଦାସ ଓ ହିମାଂଶୁ ଶେଖର ନନ୍ଦୀ ଏବଂ ବଡ଼ବଜାର ଛକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ସଫା କରାଯାଇଥିଲା। ଏହି କାର୍ଯ୍ୟରେ ଜିଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ପ୍ରାଣକୃଷ୍ଣ ଗିରି, ଡ. ଅଜିତ୍ ମହାନ୍ତି, ଅଶୋକ ଦାସ ଓ ମନୋରଞ୍ଜନ ଦାସଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

# ବିବାହ ବନ୍ଧନରେ ୫୬ ଯୋଡ଼ା ବରକନ୍ୟା

## ଜିଲାସ୍ତରୀୟ ‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା’

ବାଲେଶ୍ୱର, ୨୧।୪(ବାଞ୍ଛାନିଧି ଦେ)

ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ପ୍ରଶାସନ ଓ କାର୍ଯ୍ୟକାରୀ ସଂସ୍ଥା ‘ସ୍ୱିଡ୍’ ସହଯୋଗରେ ସ୍ଥାନୀୟ ପଦ୍ମାବତୀ ଆମ୍ୟୁଜମେଣ୍ଟ ପାର୍କଠାରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ନାରୀ ସଶକ୍ତିକରଣ ଓ ସାମାଜିକ ସୁରକ୍ଷାକୁ ଏହା ସଶକ୍ତ କରିବାରେ ସହାୟକ ହେବ ବୋଲି କହିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କର୍ତ୍ତା ଭାବେ କନ୍ୟାଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି, ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ ଚେୟାରମ୍ୟାନ୍ ସୁନୀତା ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି, କାର୍ଯ୍ୟକାରୀ ସଂସ୍ଥାର ସମ୍ପାଦକ ପ୍ରଦୀପ କୁମାର ଦାସ ଓ ସାମାଜିକ କର୍ମୀ ଗୋପାମୁଦ୍ରା ମହାପାତ୍ର ପରିଚାଳନା କରିଥିଲେ। ୧୮ରୁ ୩୫ ବର୍ଷର ଝିଅ ଏବଂ ୨୧ରୁ ୩୫ ବର୍ଷର ପୁଅମାନେ ଏହି ଯୋଜନାରେ ଶିଶୁ ସୁରକ୍ଷା ପ୍ରକଳ୍ପ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ସେଥିରୁ ୫୬ ଜଣ ବର-କନ୍ୟା ଯୋଡ଼ି ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ୫୩ ଯୋଡ଼ି ହିନ୍ଦୁ ସମ୍ପ୍ରଦାୟ ଓ ୩ ଯୋଡ଼ି ମୁସଲମାନ ସମ୍ପ୍ରଦାୟର ଥିଲେ। ପ୍ରତି ବାହାଘରରେ ୬୦ ହଜାର ଟଙ୍କା ବ୍ୟୟ ମଧ୍ୟରୁ ପ୍ରତ୍ୟେକ କନ୍ୟାଙ୍କ ବ୍ୟାଙ୍କ ଖାତାରେ ୪୫ ହଜାର ଟଙ୍କା ଜମା କରାଯାଇଛି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏକ କନ୍ୟାଙ୍କୁ ୪୫ ହଜାର ଟଙ୍କା ଚେକ୍ ପ୍ରଦାନ କରୁଛନ୍ତି।

# ‘ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ ଅର୍ଥ ମହିଳାଙ୍କୁ ଅସମ୍ମାନ’

ବାଲେଶ୍ୱର, ୨୧।୪(ବାଞ୍ଛାନିଧି ଦେ)

ମହିଳାମାନେ ସାମାଜିକ, ଅର୍ଥନୈତିକ, ରାଜନୈତିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ନିଜର ଭାଗିଦାରୀ ସୁନିଶ୍ଚିତ କରିଛନ୍ତି। କେନ୍ଦ୍ର ସରକାର ଲୋକସଭାରେ ୩ଟି ବିଲ ଆଗତ କରିଥିଲେ। ମହିଳାଙ୍କ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ ୨୦୨୯ରେ ସମସ୍ତ ୩୩ ପ୍ରତିଶତ ସଂରକ୍ଷଣ ବିଲ୍‌କୁ ସଂସଦରେ ବିରୋଧ ହୋଇଥିଲା। କଂଗ୍ରେସ ସହିତ ବିଭିନ୍ନ ଆଞ୍ଚଳିକ ଦଳ ଡିଏମ୍‌କେ, ତୃଣମୂଳ କଂଗ୍ରେସ, ବିଜେଡି ଭଳି ଇଣ୍ଡିମେଣ୍ଟ ସମର୍ଥିତ ଦଳ ନାରୀଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରି ପରୋକ୍ଷରେ ମହିଳାଙ୍କୁ ଅସମ୍ମାନ କରିଛନ୍ତି ବୋଲି ବାଲେଶ୍ୱର ସହର ଉପକଣ୍ଠ ପଦ୍ମାବତୀ ପାର୍କରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

୨୦୧୧ ଜନଗଣନା ଅନୁସାରେ ସିଟ୍ ସଂରକ୍ଷଣ ସୁନିଶ୍ଚିତତା କରି ୨୦୨୯ରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ କଥା ପ୍ରଧାନମନ୍ତ୍ରୀ ଚିନ୍ତା କରୁଥିବା ବେଳେ ଇଣ୍ଡିମେଣ୍ଟ ସମର୍ଥିତ ଦଳ ଲୋକସଭାରେ ପରାଜିତ କରି ବିରୋଧୀ ହସଖୁସିର ସହ ଉତ୍ସବ ପାଳନ କରୁଛନ୍ତି। ଏହା ଦେଶର ମାତୃଶକ୍ତି ସହ ବିଶ୍ୱାସଘାତକତା। ବାସ୍ତବରେ ଏହା ଦେଶର ମହିଳାଙ୍କ ପରାଜୟ ନୁହେଁ, ଏହା ବିରୋଧୀଙ୍କ ଅହଙ୍କାର। ଏ ଦେଶର ନାରୀଶକ୍ତି ଆଗାମୀ ୨୦୨୯ ନିର୍ବାଚନରେ ଭୋଟ ମାଧ୍ୟମରେ ଏହାର ଜବାବ ଦେବେ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ। ଭାଜପା ରାଜ୍ୟ ପ୍ରବକ୍ତା ଇଂ. ବିଭୂପଦ ଦାସ ପୌରୋହିତ୍ୟ କରିଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସରକାରୀ ଉପମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଜିଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଉତ୍ତର ବାଲେଶ୍ୱର ସଭାପତି ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଅଚାନକ ପହଞ୍ଚିଲେ ସ୍ୱାସ୍ଥ୍ୟମନ୍ତ୍ରୀ

ନୀଳଗିରି, ୨୧।୪(ପ୍ରଶାନ୍ତ ବିଶ୍ୱାଳ)

ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୩ଟା ବେଳେ ଅଚାନକ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିଥିଲେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଆଉଟ୍‌ଡୋର୍‌ରେ କିଭଳି ଚାଲିଛି ରୋଗୀ ଚିକିତ୍ସା ବୁଲି ଦେଖିଥିଲେ ମନ୍ତ୍ରୀ। ରୋଗୀ ଓ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟ ପଚାରି ବୁଝିବା ସହ ଚିକିତ୍ସାଳୟର ସମସ୍ତ ଅଧିକାରୀ, ଡାକ୍ତର ବୁଦ୍ଧିଜୀବୀଙ୍କ ସହ ସମୀକ୍ଷା କରିଛନ୍ତି। ମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଅଭାବ ରହିଥିଲା। ୨ବର୍ଷ ହେବ ସମସ୍ତ ବିଭାଗର ଡ଼ାକ୍ତର ପୂରଣ ହୋଇଛି। ଖୁବଶୀଘ୍ର ଇଏନଟି ଡାକ୍ତର ନିଯୁକ୍ତି ସହିତ ୱାର୍ଡ ନିର୍ମାଣ ହେବାର ପ୍ରତିଶ୍ରୁତି ଦେଇଥିଲେ। ୧୦୦ଶଯ୍ୟା ବିଶିଷ୍ଟ ରୋଗୀଶଯ୍ୟା ଗୃହ ନିର୍ମାଣ ପାଇଁ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପ୍ରସ୍ତାବ ଦେଇଥିବା ମନ୍ତ୍ରୀ ସ୍ୱୀକାର କରିବା ସହିତ ଏହା ବିଚାରାଧୀନ ରହିଥିବା ସୂଚନା ଦେଇଛନ୍ତି। ଆଗାମୀ ଦିନରେ ହସ୍ପିଟାଲରେ ଯାହା ସବୁ ଦରକାର ଅଛି ତାହା ସରକାର ପୂରଣ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଜନୈକ ଡାକ୍ତର ଦୀର୍ଘବର୍ଷ ଧରି ହସ୍ପିଟାଲରେ ରହିଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରକୁ ମନ୍ତ୍ରୀ ଏଡାଇଯାଇଥିବା ଜଣାଯାଇଛି। ଏହି ଗସ୍ତ ସମୟରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବାଲେଶ୍ୱର ସିଡିଏମଓ ଅମୂଲ୍ୟ ଦାଶ, ଏସ୍‌ଡିଏମଓ ସରୋଜିନୀ ପ୍ରଧାନ ଓ ବହୁ ପଦାଧିକାରୀଙ୍କ ସହ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।


ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ।

### ଦିବ୍ୟାଙ୍ଗ ମହିଳାଙ୍କୁ ରାଶନ କାର୍ଡ ବଣ୍ଟନ

ଘର ଓ ଭତ୍ତା ଦେବାକୁ ଦାବି କଲେ ଗ୍ରାମବାସୀ

ବାଲିଆପାଳ, ୨୧।୪(ରାଜଶ୍ରୀ ପାଣିଗ୍ରାହୀ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଭିକାଗଡିଆ ଗ୍ରାମର ଦିବ୍ୟାଙ୍ଗ ମହିଳାଙ୍କୁ ବାଲିଆପାଳ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା ରବିବାର ରାଶନ କାର୍ଡ ବଣ୍ଟନ କରିଛନ୍ତି। ଗ୍ରାମର ବାସନ୍ତୀ ପଡିହାରୀ ଜଣେ ବିଧବା ଏବଂ ଶତପ୍ରତିଶତ ଦିବ୍ୟାଙ୍ଗ ମହିଳା। ପରିବାର କହିଲେ କେବଳ ଗୋଟିଏ ଝିଅ। ଘରେ କେହି ପୁରୁଷ ନ ଥିବାରୁ ରାଶନ କାର୍ଡ ପଞ୍ଜୀକରଣ କରିବା ପାଇଁ ମଧ ସମ୍ଭବ ହୋଇପାରି ନ ଥିଲା। ଜଗତିପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ବର୍ଷାରାଣୀ ନାୟକ ବାଲିଆପାଳ ଖାଦ୍ୟ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ ଅଧିକାରୀ ଏହାକୁ ବିଚାରକୁ ନେଇ ଗୋଟିଏ ଦିନ ମଧ୍ୟରେ ବାସନ୍ତୀଙ୍କ ଘରେ ପହଞ୍ଚି ତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନକାର୍ଡ ଯୋଗାଇ ଦେବା ସହିତ ସ୍ଥାନୀୟ ଡିଲରଙ୍କୁ ଶୀଘ୍ର ରାଶନ୍ ଯୋଗାଇ ଦେବା ପାଇଁ କହିଛନ୍ତି। ଏହି ସମୟରେ ଜଗତିପୁର ସରପଞ୍ଚ ସୁବାଷ ଚନ୍ଦ୍ର ବେହେରା, ସାମାଜିକ କର୍ମୀ ବିରଞ୍ଚି ପାତ୍ର, ଗଣେଶ ଚନ୍ଦ୍ର ବାଗ, ପଦ୍ମଲୋଚନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦିବ୍ୟାଙ୍ଗ ମହିଳାଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗ ଭତ୍ତା, ଅନ୍ତ୍ୟୋଦୟ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଡିଜିଟାଲ ସାକ୍ଷରତା, କମ୍ପ୍ୟୁଟର ସଚେତନତା କର୍ମଶାଳା


ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି।

ରସାଳପୁର(ଶରତ ସାମଲ) /ରେମୁଣା(ରବୀନ୍ଦ୍ର ମହାକୁଡ), ୨୧।୪

ରେମୁଣା ବ୍ଲକ ଶେରଗଡ଼ସ୍ଥିତ ଗଙ୍ଗାଧର ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଡିଜିଟାଲ ସାକ୍ଷରତା ଓ କମ୍ପ୍ୟୁଟର ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏବିଏ କଲେଜ, ଏନଏସଏସ ୟୁନିଟ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ସମନ୍ୱୟକାରୀ ଏନଏସଏସ ପ୍ରୋଗ୍ରାମ ଅଫିସର ପ୍ରଦୀପ କମାର ପଣ୍ଡା ଡିଜିଟାଲ ଯୁଗରେ ଛାତ୍ରୀଛାତ୍ରଙ୍କୁ ଇଣ୍ଟରନେଟର ଠିକ୍ ବ୍ୟବହାର, ଅନଲାଇନ ଶିକ୍ଷା, ସାଇବର ସୁରକ୍ଷା ବିଷୟରେ ସୂଚନା ଦେଇଥିଲେ। ଏବିଏ କଲେଜ କମ୍ପ୍ୟୁଟର ସାଇନ୍ସର ଏଚ୍‌ଓଡି ପ୍ରଦୀପ ଆଚାର୍ଯ୍ୟ ଯୋଗଦେଇ ଆଜିର ଯୁଗ ଡିଜିଟାଲ ଯୁଗ। କମ୍ପ୍ୟୁଟର ଜ୍ଞାନ ଛଡ଼ା ଆଗକୁ ବଢ଼ିବା କଠିନ। ସେ ଛାତ୍ରୀଛାତ୍ରଙ୍କୁ ଅନଲାଇନ ଶିକ୍ଷା, ସାଇବର ସୁରକ୍ଷା ଓ ଡିଜିଟାଲ ଦକ୍ଷତା ବିକାଶ ବିଷୟରେ ସଚେତନ କରିଥିଲେ। ବିଦ୍ୟାଳୟର ମୁଖ୍ୟଶିକ୍ଷିକା ଅଲିଭା ପୁଥାଳ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ବହୁତ ଉପକାରୀ ବୋଲି କହିଥିଲେ। ଶିକ୍ଷକ ପ୍ରଶାନ୍ତ ମହାନ୍ତି, ଚିତ୍ତରଞ୍ଜନ ରାଉତ, ଅମୀୟ ଦାସଙ୍କ ସମେତ ବହୁ ଶିକ୍ଷାର୍ଥୀ ଓ ଏନଏସଏସ ସେବକ ଏଥିରେ ଅଂଶଗ୍ରହଣ କରିଥିଲେ।

# ସିମୁଳିଆ ମେଡିକାଲରେ ଅଗ୍ନି ସଚେତନତା କାର୍ଯ୍ୟକ୍ରମ


ଅଗ୍ନିଶମ ବାହିନୀ କର୍ମଚାରୀମାନେ ସଚେତନ କରୁଛନ୍ତି।

ସିମୁଳିଆ,୨୧।୪(ସନ୍ତୋଷ ନାୟକ)

ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଆକସ୍ମିକ ଦୁର୍ଘଟଣା ସମୟରେ ଦମକଳ ବାହିନୀ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ବାହିନୀମାନଙ୍କୁ ଅପେକ୍ଷା ନ କରି ନିଜେ ନିଜର ଓ ଅନ୍ୟମାନଙ୍କୁ ସୁରକ୍ଷା ଯୋଗାଇଦେବା ଉଦ୍ଦେଶ୍ୟରେ ଚଳିତ ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ଅଗ୍ନିଶମ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଅଡାରେ ପ୍ରତିଷ୍ଠିତ ସିମୁଳିଆ ଦମକଳବାହିନୀ ଦ୍ୱାରା ସିମୁଳିଆ ବ୍ଲକର ବିଭିନ୍ନ ସ୍କୁଲ ସମେତ ବିଭିନ ବେସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ସୋମବାର ଅପରାହ୍ନରେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦମକଳ ବାହିନୀର ଷ୍ଟେଶନ ଅଫିସର ହାଡିବନ୍ଧୁ ସିଂଙ୍କ ଅଧକ୍ଷତାରେ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଆବଶ୍ୟକ ସମୟରେ ୧୧୨ନଂ.କୁ କଲ୍ କରିବା, ମାଇକ ବ୍ୟବହାର, ଟାଙ୍କିଜଳ ବ୍ୟବହାର, ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ପ୍ରଣାଳୀ ଆଦି ସମ୍ପର୍କରେ ମୁଖ୍ୟ ଅଗ୍ନିକ ଅଧିକାରୀ(ଫାୟାର ମ୍ୟାନ) ମାନସ ରଞ୍ଜନ ମହାନ୍ତି ସୂଚନା ପ୍ରଦାନ କରିଥିଲେ। ମେଡିକାଲରେ କାର୍ଯ୍ୟରତ ସମସ୍ତ ସିକ୍ୟୁରିଟିଙ୍କୁ ଏହି ଅଗ୍ନି ନିର୍ବାପକ ଯନ୍ତ୍ରର ପରିଚାଳନା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମେଡିକାଲର ମୁଖ୍ୟ ଡା. ସସ୍ମିତ କୁମାର ଦାଶଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଦମକଳ ବାହିନୀର ହାବିଲଦାର ଇମ୍ରାନ ଆଲମ୍ ଖାନ, ଫାୟାର ଫାଇଟର ଅଜିତ କୁମାର ବେହେରା ଓ ଅରୁଣ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ ।

### ଖରାସାହାପୁରରେ ହରିହାଟ ଉଦ୍‌ଘାଟିତ

ବାହାନଗା, ୨୧।୪(ଅରୂପ କୁମାର ଦାସ): ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ୫ ନମ୍ବର ୱାର୍ଡ ଉତ୍ତରସାହିରେ ହରିହାଟ ପୂଜା ନିମନ୍ତେ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହି ହରିହାଟ ପୂଜା ଦୀର୍ଘ ୩ଦିନ ଧରି ଅନୁଷ୍ଠିତ ହେବ। ଏନେଇ ସାହିର ଶହ ଶହ ମହିଳା ପୁରୁଷମାନେ ଏକ ଶୋଭାଯାତ୍ରାରେ ହରିହାଟରୁ ବାହାରି ହାଟ ପୋଖରୀରେ ଘଟ ଉତ୍ତୋଳନ କରାଯାଇଥିଲା। ଏଥିରେ ତ୍ରିଲୋଚନ ଦାସ ଓ ରବୀନ୍ଦ୍ର ଜେନା କଳସ ବୁଡ଼ାଇଥିଲେ। ହରିହଟ କମିଟି ସଭାପତି ବୈକୁଣ୍ଠ ବେହେରାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ହରିହଟ ଉତ୍ସବରେ ରାଧାକୃଷ୍ଣଙ୍କୁ ପୂଜା କରାଯିବା ସହିତ ଭାଗବତ ପାଠ କରାଯାଇଥିଲା।

# ବିଶ୍ୱ ପ୍ରତିମୂର୍ତ୍ତି ସଫେଇ, ସଂରକ୍ଷଣ ଦିବସ

## ଆଶ୍ରିତା ସଭାପତି, ଜୀବନ ସମ୍ପାଦକ

ବାଲେଶ୍ୱର, ୨୧।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରରେ ଶିଳ୍ପୀ କେଶୁ ଦାସଙ୍କ ଆହ୍ୱାନକ୍ରମେ ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବିଶିଷ୍ଟ କବି ଅଭୟ ଦାସ, ସାମାଜିକ କର୍ମୀ ଆଶ୍ରିତା ତରେଇ, ଯୁବ ସଙ୍ଗଠକ ଜୀବନ ସଂଗ୍ରାମ ମିଶ୍ରଙ୍କ ସହଯୋଗରେ ସହରର ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତିମାନ ଧୋଇ ସଫା କରାଯାଇଥିଲା। ବାଲେଶ୍ୱର ରେଳଷ୍ଟେଶନରୁ ଷ୍ଟେଶନ ଛକ ପର୍ଯ୍ୟନ୍ତ ସମସ୍ତ ଭାସ୍କର୍ଯ୍ୟ ଓ ପ୍ରତିମୂର୍ତ୍ତି ସଫେଇ, ଟାଉନ ହଲ ପରିସରର ପ୍ରତିମୂର୍ତ୍ତି ଓ ସିନେମା ଛକ ଗାନ୍ଧୀ ପ୍ରତିମୂର୍ତ୍ତି ଆଦି ସଫେଇ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ତରେଇ, ପ୍ରୀତିସୁନ୍ଦର ପରିଡ଼ା, କବି ଶ୍ରୀଦେବ, ସିତାଂଶୁ ଲେଙ୍କା, ଅରୁଣ ସ୍ୱାଇଁ, ଚନ୍ଦନ ଦାସ, ବିଶ୍ୱଜିତ ପ୍ରମାଣିକ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ସମସ୍ତଙ୍କ ପରାମର୍ଶକ୍ରମେ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଆଶ୍ରିତା ତରେଇ ଓ ସମ୍ପାଦକ ଭାବେ ଜୀବନସଂଗ୍ରାମ ମିଶ୍ର ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବେ ଶିଳ୍ପୀ କେଶୁ ଦାସ, ଅଭୟ ଦାସ, କବି ଶ୍ରୀଦେବ ଓ ଅରୁଣ ସ୍ୱାଇଁଙ୍କୁ ଚୟନ କରାଯାଇଥିଲା। ବାଲେଶ୍ୱର ସହରରେ ଥିବା ସମସ୍ତ ପ୍ରତିମୂର୍ତ୍ତିର ସଂରକ୍ଷଣ ଓ ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ସିଦ୍ଧାନ୍ତ ନିଆଯାଇଥିଲା।

# ସରିଲା ନୀଳକଣ୍ଠେଶ୍ୱର ମହାଦେବଙ୍କ ପାଟ ଉତ୍ସବ



ଭୋଗରାଇ, ୨୧।୪(ପ୍ରଦୀପ ଦାସ)

ଭୋଗରାଇ ବ୍ଲକ ଅଧୀନ ଚୌକି ଗ୍ରାମର ଶ୍ରୀନୀଳକଣ୍ଠେଶର ମହାଦେବଙ୍କ ୧୧ଦିନ ଧରି ଚାଲିଆସୁଥିବା ଚଡ଼କମେଳା ଶେଷ ହୋଇଛି। ଉପବୀତଧାରୀ ଭକ୍ତମାନେ ଶେଷଅର୍ଘ୍ୟ ପ୍ରଦାନ କରି ଜୀଉଙ୍କୁ ଶେଷ ଥର ପ୍ରାର୍ଥନା କରି ବ୍ରତ ଶେଷ କରିଥିଲେ। ସହସ୍ରାଧିକ ଶୈବଭକ୍ତ ଜୀଉଙ୍କ ବନାସାଣ ଗ୍ରାମସ୍ଥିତ ହାକାଣ୍ଡ ପୋଖରୀରେ ଶିବଦୁର୍ଗା ଘଟ ଦ୍ୱୟକୁ ଫୁଲ ଚନ୍ଦନରେ ଭୂଷିତ କରି ରୋଷଣୀ ଓ ଡାକବାଜି ଯନ୍ତ୍ର ତାଳେତାଳେ ଦଣ୍ଡ ନୃତ୍ୟ କରି ମନ୍ଦିର ବିଜେ କରିଥିଲେ। ଜୀଉଙ୍କ ଅନ୍ତିମ ଦିବସରେ ମାନସିକଧାରୀ କୁଚ୍ଛ ସାଧନା କରିବା ଭିନ୍ନ ଆକର୍ଷଣ ସୃଷ୍ଟି କରିଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଭୋଗରାଇ ସୀମାନ୍ତ ପଶ୍ଚିମବଙ୍ଗ ରୁ ୩୦ ହଜାରରୁ ଊର୍ଦ୍ଧ ଯାତ୍ରୀଙ୍କ ସମାଗମ ହୋଇଥିଲା। ବିଭିନ୍ନ ପ୍ରକାର ଅତାସବାଜି ପ୍ରଦର୍ଶନ ମନମୁଗ୍ଧ କରିଥିଲା।

# ବିଶ୍ୱାସ ସଙ୍କଟ ଦୂର ପାଇଁ ଆତ୍ମବିଶ୍ୱାସ ଜରୁରୀ

## ତୃତୀୟ ବାର୍ଷିକ ଅନ୍ତରା ମହୋତ୍ସବ ଉଦ୍‌ଘାଟିତ

ଖଇରା, ୨୧।୪(ଉତ୍କଳବନ୍ଧୁ ପଣ୍ଡା)

ବର୍ତ୍ତମାନ ସମାଜରେ କାହାରି ଉପରେ କାହାରି ଭରସା ରହୁନାହିଁ। ଏବେ ଏହି ବିଶ୍ୱାସରେ ସଙ୍କଟ ଯୋଗୁ ସମାଜ ବିଶୃଙ୍ଖଳିତ ହୋଇପଡୁଛି। ଏଣୁ ଆତ୍ମବିଶ୍ୱାସ ଦ୍ୱାରା ଏହି ସଂକଟକୁ ଦୂର କରାଯାଇପାରିବ ବୋଲି ଖଇରା ବ୍ଲକର ଅନ୍ତରା ମହୋତ୍ସବର ଉଦ୍‌ଘାଟନୀ ସଭାରେ ଯୋଗ ଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସୋମବାର ସନ୍ଧ୍ୟାରେ ଅନ୍ତରା ସରକାରୀ ହାଇସ୍କୁଲ ପଡ଼ିଆରେ ମହୋତ୍ସବ କମିଟିର ସଭାପତି ତ୍ରିଲୋଚନ ଉପାଧ୍ୟାୟଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସ କମିଟି ସଭାପତି ସତ୍ୟଶିବ ଦାସ, ମୁଖ୍ୟବକ୍ତା ଭାବେ ସିମୁଳିଆ ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଯୋଗଦେଇ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ରଶ୍ମିତା ଜେନା, ସମିତିସଭ୍ୟା ସବିତା ରାଣୀ ପଣ୍ଡା, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ସଞ୍ଜୟ ଦଳେଇ, କଂଗ୍ରେସ ନେତା ବିକ୍ରମ ପଣ୍ଡା, ଭାଗିରଥି ମହାପାତ୍ର, ମହେନ୍ଦ୍ର ସେନାପତି, ଲକ୍ଷ୍ମୀଧର ମହାପାତ୍ର, ମହୋତ୍ସବ କମିଟି ସମ୍ପାଦକ ଜ୍ୟୋତି ରଞ୍ଜନ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାସ ଓ ମାୟାଧର ସେଠୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଫଳ ଛାତ୍ର ସଂଗ୍ରାମ ସୁନ୍ଦର ଜେନା ଓ ସାମାଜିକ କର୍ମୀ ରଘୁନାଥ ଦାସଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବସନ୍ତ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ପରେ ଓଡ଼ିଶାର ପ୍ରସିଦ୍ଧ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

# ବିବାହ ବନ୍ଧନରେ ୫୭ ଯୋଡ଼ା ବରକନ୍ୟା

ବାରିପଦା,୨୧।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ବାରିପଦା ଛଉ ପଡ଼ିଆରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଯୋଜନା ଅଧୀନରେ ୫୭ ଯୋଡ଼ି ବର ଓ କନ୍ୟା ପାରମ୍ପରିକ ରୀତିନୀତିରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ନବ ଦମ୍ପତିଙ୍କୁ ଆଶୀର୍ବାଦ ଦେଇ ସମସ୍ତଙ୍କ ସୁଖମୟ ଜୀବନ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ , ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗ ଦେଇଥିଲେ। ଜିଲାପାଳ ହେମକାନ୍ତ ସୟ ସ୍ୱାଗତ ଅଭିଭାଷଣ ଦେଇ ଜିଲା ପ୍ରଶାସନ ସର୍ବଦା ଲୋକଙ୍କ ହିତରେ କାର୍ଯ୍ୟ କରୁଛି ବୋଲି କହିଥିଲେ।


ବିବାହ ଉତ୍ସବରେ ନବ ଦମ୍ପତିମାନେ।

ବିବାହ ବନ୍ଧନରେ ବାନ୍ଧି ହୋଇଥିବା ଦମ୍ପତିଙ୍କୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସରକାରଙ୍କ ପକ୍ଷରୁ ୬୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏଥିରୁ ୪୫ହଜାର ଟଙ୍କା ଡିବିଟି ମାଧ୍ୟମରେ ସିଧାସଳଖ ଭାବେ କନ୍ୟାଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି ଓ ଅବଶିଷ୍ଟ ୧୫ହଜାର ଟଙ୍କା ବିବାହ ସମ୍ପର୍କିତ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଆର୍‌ଡିଏସିକୁ ପ୍ରଦାନ କରାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ବ୍ୟବସ୍ଥା ଯଥା ପୂଜା ପାଠ, ଭୋଜନ, ପାନୀୟ ଜଳ, ଚିକିତ୍ସା ସୁବିଧା ଓ ସୁରକ୍ଷା ବ୍ୟବସ୍ଥା ବନ୍ଦୋବସ୍ତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି, ସମାଜ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ବୁରୁଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଓଷ୍ଟାର ଦାବିପତ୍ର


ଓଷ୍ଟା ସଂଘ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାରିପଦା,୨୧।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ନିକଟରେ ନିଖୋଜ ହୋଇଥିବା ବାରିପଦା ବ୍ଲକ୍‌ର ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁଙ୍କୁ ଠାବ କରିବା, ଜନଗଣନା କାର୍ଯ୍ୟରେ ନିୟୋଜିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ଜନ ସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସମସ୍ତ ଲୋକ ପ୍ରତିନିଧି, ଅଙ୍ଗନୱାଡି କର୍ମୀ, ଆଶା କର୍ମଚାରୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ବିଦ୍ୟାଳୟ କାର୍ଯ୍ୟ ପରେ ଜନଗଣନା କାର୍ଯ୍ୟ କରିବାରେ ଅସୁବିଧା ହେଉଥିବାରୁ ଜନଗଣନା କାର୍ଯ୍ୟରେ ନିୟୋଜିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ବିଦ୍ୟାଳୟ କାର୍ଯ୍ୟକ୍ରମରୁ ସାମୟିକ ଅବ୍ୟାହତି ଦେବା ବା ପର୍ଯ୍ୟାୟ କ୍ରମେ ବିଦ୍ୟାଳୟ କାର୍ଯ୍ୟକୁ ପରିଚାଳନା କରିବା ଇତ୍ୟାଦି ରହିଛି। ଏହି କାର୍ଯ୍ୟକ୍ରମରେ ଓଷ୍ଟା ସଂଘର ଜିଲା ସଭାପତି ଚିତ୍ତରଞ୍ଜନ ପଳତା, କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ, ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ବିକାଶ କୁମାର ପଣ୍ଡା, ଅତସୀ କୁଣ୍ଡୁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ କୁମାର କାନ୍ତ, ସୁଶାନ୍ତ ଗିରି, ସୂର୍ଯ୍ୟାନନ୍ଦ ନାୟକ,ପ୍ରଦୀପ କୁମାର ମହାନ୍ତ, ସୁଦର୍ଶନ ବାରିକ, ସମୀର କୁମାର ମାଇତି ଶିକ୍ଷକ ବିଜୟ କୁମାର ପଣ୍ଡିତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଜିଲାପାଳ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ।

## ଶିରିଡି ସାଇ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ

ଖାରପୋଖରିଆ,୨୧।୪
(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଖାରେପୋଖରିଆ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ନେଇ ଗଠିତ ଶିରିଡ଼ି ସାଇ ମନ୍ଦିର ପରିଚାଳନା ଟ୍ରଷ୍ଟି ଦ୍ୱାରା ଖାରପୋଖରିଆ ଆରୋଗ୍ୟ ଭବନ ନିକଟରେ ଏକ ନୂତନ ଶିରିଡ଼ି ସାଇ ମନ୍ଦିର ନିର୍ମାଣ ପାଇଁ ସୋମବାର ପୂର୍ବାହ୍ନ ୧୧ ଘଟିକା ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖାରପୋଖରିଆ ଗ୍ରାମର ଅମଲେନ୍ଦୁ ବିକାଶ ଶତପଥୀ ଦାନ କରିଥିବା ୧୦ ଡିସିମିଲ ଜମିରେ ଟ୍ରଷ୍ଟିର ସଭାପତି ଅରିଜିତ ଶତପଥୀଙ୍କ ଆୟୋଜନରେ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣ ଅମରେନ୍ଦୁ ମିଶ୍ର ଓ ଶିବଶଙ୍କର ପଣ୍ଡାଙ୍କ ଦ୍ୱାରା ମାନସ ପାଣି ଓ ତାଙ୍କ ସହଧର୍ମିଣୀ ପ୍ରତିମା ପାଣିଙ୍କ ସଂକଳ୍ପରେ ଭୂମି ପୂଜନ କରାଯାଇଥିଲା। ଉତ୍ସବରେ ବାରିପଦା ଶିରିଡ଼ି ସାଇ ମନ୍ଦିରର ପୂଜ୍ୟ ଗୁରୁଜୀ ଡ଼.ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରିତ ପୂଜନଶିଳାକୁ ଆଣି ମନ୍ଦିର ଭୂମି ପୂଜନ ସ୍ଥଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ସହିତ ସାରସକଣା ବିଡିଓ ସୁମନ ରାଜା ମହାନ୍ତି,ସରପଞ୍ଚ ମାଳତୀ ସିଂ, ପୂର୍ବତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି,ମୟୂରଭଞ୍ଜ ଜିଲା ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଚେୟାରମ୍ୟାନ ଡ. ଦେବାଶିଷ ମାରାଣ୍ଡି, ଅଞ୍ଚଳର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

## ଶକ୍ତିଶ୍ରୀ'ର ସଚେତନତା, ପ୍ରଶିକ୍ଷଣ କର୍ମଶାଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨୧।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣକୁ ଦୃଷ୍ଟିରେ ରଖି ବାରିପଦା ତକତପୁରସ୍ଥିତ ଏମ୍‌ପିସି ସ୍ୱୟଂଶାସିତ କଲେଜରେ 'ଶକ୍ତିଶ୍ରୀ'ର ସଚେତନତା ଓ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଅଧକ୍ଷତା କରି ସମାଜରେ ନାରୀ ଓ ସମାଜର ସମ୍ପର୍କ କିପରି ପରସ୍ପର ନିବିଡ଼ ସେ ସମ୍ପର୍କରେ କହିଥିଲେ। ବରିଷ୍ଠ ପ୍ରାଧ୍ୟାପିକା ଡ. ଆଲବର୍ଟିନା ତିର୍କୀ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶକ୍ତିଶ୍ରୀ ଯୋଜନାର ଆବଶ୍ୟକତା ଓ ନାରୀ କିପରି ସବୁ ପରିସ୍ଥିତିକୁ ସମ୍ମୁଖୀନ କରିପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ପକ୍ଷରୁ ପ୍ରଶିକ୍ଷକ ସ୍ୱୟମ୍ଭୁ ପଣ୍ଡା ପିପିଟି ମାଧ୍ୟମରେ ଶକ୍ତିଶ୍ରୀ ଆପ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅନ୍ୟତମ ପ୍ରଶିକ୍ଷକ ପ୍ରଭାସ ରଞ୍ଜନ ମହାପାତ୍ର ଉପସ୍ଥିତ ଛାତ୍ରୀଙ୍କୁ ଶକ୍ତିଶ୍ରୀ ଯୋଜନାର ବିବିଧ ଦିଗ ସମ୍ପର୍କରେ ଜଣାଇଥିଲେ। ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ଅମିତା ନାୟକ ଉପସ୍ଥିତ ମହାବିଦ୍ୟାଳୟର ଅଧ୍ୟାପିକା ଓ ଛାତ୍ରୀଙ୍କୁ ଶକ୍ତିଶ୍ରୀ ବ୍ୟବହାର ଏବଂ ଏହାର ଆବଶ୍ୟକତା ଉପରେ କହିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଡ. ଆଶୁତୋଷ ପ୍ରୟାସ ଦାଶ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ସୁଶ୍ରୀ ରାଇମଣି ମାର୍ଣ୍ଡି, ଡ. ବିଦ୍ୟୁତ୍‌ପ୍ରଭା ଦାସ, ଡ. ରିଚା ବିଶାଳ, ଡ. ଦେବସ୍ମିତା ପାଲ, ଛନ୍ଦିତା ବିଶ୍ୱାଳ, ଡିଗିମଣି ସୋରେନ, ସସ୍ମିତା ଦାସ, ଡ. ନିରୁପମା ନାୟକ, ସୀମା ଅଗ୍ରୱାଲଙ୍କ ସମେତ ଅଧ୍ୟାପକ ଡ. ଟୁଡୁ, ଡ. ମନୋଜ ସେଠୀ, ଡ. ସରୋଜ ନାୟକ, ଡ. ଦେବପ୍ରିୟ ପ୍ରିୟଦର୍ଶୀଚକ୍ର, ଡ. ଦୟାନିଧି ପରିଡ଼ା, ଡ. ନରେନ୍ଦ୍ର ପ୍ରସାଦ ବେହେରା, ଆଲେକ୍ସ ହେମ୍ବ୍ରମ, ସୁରେଶ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜିକା ଅଧ୍ୟାପିକା ଅମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକ ଭବନର ଗୃହ ପ୍ରବେଶ ଉତ୍ସବ



ଖାରପୋଖରିଆ,୨୧।୪(ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକର ଜାମଶୋଳା, ଖାରପୋଖରିଆ ଏବଂ ସାରସକଣାରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ନେଇ ଗଠିତ ହୋଇଥିବା ଖାରପୋଖରିଆ ସାମ୍ବାଦିକ ସଂଘର ନବ ନିର୍ମିତ ସାମ୍ବାଦିକ ଭବନର ଗୃହ ପ୍ରବେଶ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭ୍ୟ ମୁରାରୀ ମୋହନ ମହାପାତ୍ର ଓ ତାଙ୍କ ସହଧର୍ମିଣୀ କଲ୍ୟାଣୀ ମହାପାତ୍ରଙ୍କ ସଂକଳ୍ପରେ ବ୍ରାହ୍ମଣ ସମରେନ୍ଦୁ ମିଶ୍ରଙ୍କ ଦ୍ୱାରା ଗୃହ ପ୍ରବେଶ କରାଯାଇଥିଲା। ଏଥିରେ ଗଣମାଧ୍ୟମ ପ୍ରତିନିଧି ଦେବାଶିଷ ଶତପଥୀ, ବନବିହାରୀ ମହାପାତ୍ର, ମୋହିତ ମଣ୍ଡଳ, ଭଗିରଥ ମହନ୍ତ, ପ୍ରଶାନ୍ତ କୁମାର ସାମନ୍ତରାୟ, ମଳୟ କୁମାର ନାୟକ, ଅଶ୍ୱିନୀ କୁମାର ମହାନ୍ତ, କ୍ଷୀରୋଦ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ୱଶୁର ଘର ଗାଁରେ ଜ୍ୱାଇଁଙ୍କ ମୃତ୍ୟୁ

### ରାଜସ୍ଥାନୀ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଉଦଳା,୨୧।୪
(ସନ୍ତୋଷ କୁମାର ବାଛିନୀ)

ଉଦଳା ଥାନା କୋଚିଲାଡିହା କଇଁଫୁଲିଆ ଗ୍ରାମରେ ବିବାହ କରିଥିବା ଜଣେ ରାଜସ୍ଥାନୀ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ରଘୁବୀର ଗୁଜର। ଉଦଳା ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତ ରଘୁବୀର ତାଙ୍କ ସ୍ତ୍ରୀ ପାନ ହାଁସଦା ସହିତ କଇଁଫୁଲିଆ ଗ୍ରାମରେ ୫ ବର୍ଷରୁ ଅଧିକ ହେବ ରହୁଥିଲେ। ତେବେ ଝୁଲନ୍ତା ମୃତଦେହ ଉଦ୍ଧାର ହେବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି। ପୋଲିସ ପରିବାର ଲୋକଙ୍କୁ ପଚରାଉଚରା କରୁଥିବା ବେଳେ ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ ବୋଲି କହିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୪/୨୬) ରୁଜୁ ହୋଇଛି।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ



ଧାରଣାରତ ଯୁବ କଂଗ୍ରେସ ନେତା ଓ କର୍ମୀମାନେ।

ବାରିପଦା, ୨୧।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣାରେ ମୋରଡ଼ା ଯୁବ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୃତ ଛାତ୍ରୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ସମେତ ଅସୁସ୍ଥ ଛାତ୍ରୀଙ୍କୁ କ୍ଷତିପୂରଣ ପ୍ରଦାନ ଓ ମୋରଡା ବିଧାୟକ ତଥା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା . କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଇସ୍ତଫା ଦାବି କରାଯାଇଛି। ଘଟଣାର ବିଚାର ବିଭାଗୀୟ ତଦନ୍ତ ଓ ମନ୍ତ୍ରୀ ମହାପାତ୍ରଙ୍କୁ ମନ୍ତ୍ରୀ ମଣ୍ଡଳରୁ ତୁରନ୍ତ ବହିଷ୍କାର କରା ନ ଗଲେ ଆଗାମୀ ୨୮ତାରିଖରେ ଯୁବ କଂଗ୍ରେସ ପୁଣି ଥରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ ବୋଲି ଚେତାବନୀ ଦେଇଛି। କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ବହୁ କର୍ମି ଓ କର୍ମକର୍ତ୍ତା ସାମିଲ ଥିବା ବେଳେ ମୋରଡା ଯୁବ କଂଗ୍ରେସର ସଭାପତି ତାପସ ରଞ୍ଜନ ରାଉତ, ପୂର୍ବତନ ଯୁବ କଂଗ୍ରେସ ସଭାପତି ଶଶଧର ବେହେରା, ମୁନା ଧଳ ଓ ଯୁବ କଂଗ୍ରେସ ନେତା ଶୁଭ କୁମାର ମହାନ୍ତ, ଏମଡି ନାଜିର ହୁଲକ, ଲୋସନ ସାହୁ, ଅସିତ ବେହେରା, ସନାତନ ଦେ, ଅକ୍ଷୟ ମହାନ୍ତ, ବଡସାହି ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଦିପ୍ତିଭାନୁ ସେନାପତି ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ମୋରଡା ବ୍ଲକର ପୂର୍ବତନ ସଭାପତି ରାଜେଶ ପଢିହାରୀ, ଯୁବ ନେତା ମୋହନ ଦାସ, ବାରିପଦା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରମୋଦ କୁମାର ହେମ୍ବ୍ରମ, ଉଦଳା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ଦୁର୍ଗା ଚରଣ ଟୁଡୁ, ବଡସାହି ବ୍ଲକ କଂଗ୍ରେସ କମିଟି ସଭାପତି ଶଶାଙ୍କ ଶେଖର କର, ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଅମରଜିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ମୟୂରଭଞ୍ଜ ଦଳ ଘୋଷିତ

### ଓସିଏ ଆନ୍ତଃଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ

ବାରିପଦା,୨୧।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ କଟକଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଦଳ ଘୋଷିତ ହୋଇଯାଇଛି । ଦଳରେ ଅଧିନାୟିକା ସଞ୍ଜିତା ଦାସ, ଉପ ଅଧିନାୟିକା ସୁନିଧି କାଶ୍ୟପ ଜେନାଙ୍କ ସମେତ ଶୁଭସ୍ମିତା ବେହେରା, ସୋନିଆ ରାଜ, ଲକ୍ଷ୍ମୀପ୍ରିୟା ମହାନ୍ତ, ପଦ୍ମା ମିର୍ଦ୍ଧା, ଲକ୍ଷ୍ମୀ ଭଗତ, ମାନସୀ ମହାନ୍ତ, ସାଇ ଆରାଧ୍ୟା, ଚନ୍ଦ୍ରକାନ୍ତି ବେହେରା, ରଶ୍ମିରେଖା ନାୟକ, ଶୁଭଶ୍ରୀ ନାଥ, ଦିବ୍ୟାଂଶୀ ମହାନ୍ତି, ସୋମବାରୀ ମହାନ୍ତି, ନନ୍ଦିନୀ ସିଂ, ଆଦ୍ୟାଶା ମହାନ୍ତ, ଲକ୍ଷ୍ମୀପ୍ରିୟା ବିନ୍ଧାଣି ଓ ଟିଂକି ପାତ୍ର ସାମିଲ ଅଛନ୍ତି । ପୂର୍ବତନ ରାଜ୍ୟସ୍ତରୀୟ ଖେଳାଳି ସୁନୀଲ ଜେନା ଟିମ ମ୍ୟାନେଜର ଓ ସାଇବା ସିଂ କୋଚ ଭାବେ ଦଳ ସହିତ ଗସ୍ତ କରିବେ । ମୟୂରଭଞ୍ଜର ପ୍ରଥମ ମ୍ୟାଚ ୨୩ ତାରିଖରେ ଜଗତସିଂହପୁର ସହିତ ଅଛି ବୋଲି କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି। ମଙ୍ଗଳବାର ଅପରାହ୍ନରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, କ୍ରିକେଟ ସମ୍ପାଦକ ତଥା କୋଚ ଓ ମ୍ୟାନେଜର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଚଡ଼କ ଯାତ୍ରା, ଉଡ଼ାପର୍ବ

ବୈଶିଙ୍ଗା,୨୧।୪(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗପୁରା ରେଳ ଷ୍ଟେଶନ ନିକଟରେ ଅକ୍ଷୟ ତୃତୀୟା ଅବସରରେ ୨୩ ବର୍ଷରେ ପଦାର୍ପଣ କରିଥିବା ଚଡ଼କ ଯାତ୍ରା ଓ ଉଡା ପର୍ବ ପାଳିତ ହୋଇଯାଇଛି। ବାବା ଆଖଣ୍ଡଳମଣି ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ମାନସିକଧାରୀ ଭକ୍ତାମାନଙ୍କ ଦ୍ୱାରା କଣ୍ଟା ପାଟ ଓ ନିଆଁ ପାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଲାଗିଥିବା ମେଳା ବୁଲିବାକୁ ଶତାଧିକ ଜନସାଧାରଣଙ୍କ ଭିଡ଼ ଲାଗି ରହିଥିଲା। ଆଖଣ୍ଡଳମଣି ଚଡ଼କ ଓ ଉଡା ପର୍ବ କମିଟିର ସଦସ୍ୟ ମାନଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଧୁମଧାମରେ ପାଳିତ ହୋଇଥିଲା।

## ଗବେଷକ ଭାଗବତ ପଣ୍ଡାଙ୍କୁ ଉତ୍କଳ ସଂସ୍କୃତି ରତ୍ନ ସମ୍ମାନ



ଗବେଷକ ଭାଗବତ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବାରିପଦା,୨୧।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆମ ସେବା ଓ ସଂସ୍କୃତି ସୁରକ୍ଷାର ଅନନ୍ୟ ଅନୁଷ୍ଠାନ କଟକ ତରଫରୁ ଅନୁଷ୍ଠିତ ବୈଶାଖୀ ଉତ୍ସବ ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂସ୍କୃତି ଗବେଷକ ଭାଗବତ ପଣ୍ଡା ଉତ୍କଳ ସଂସ୍କୃତି ରତ୍ନ ସମ୍ମାନ-୨୦୨୬ରେ ସମ୍ମାନିତ ହୋଇଛନ୍ତି। ଏହି ଉପଲକ୍ଷେ କଟକ ଶତାବ୍ଦୀ ଭବନ ସଭାଗୃହରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ସୁକାନ୍ତ କୁମାର ସାହୁ ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନ୍ୟାୟାଧୀଶ ଜଷ୍ଟିସ ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ,ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ସମ୍ବର୍ଦ୍ଧିତ ଅତିଥି ଭାବେ ବିଶିଷ୍ଟ କଣ୍ଠ ଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ଉତ୍କଳ ଗ୍ରାମ ସ୍ୱରାଜ୍ୟର ପ୍ରତିଷ୍ଠାତା ସଭାପତି ତଥା ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇ ପଣ୍ଡାଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢ୍ୱୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଶ୍ରୀଜୀଉଙ୍କ ରଥ କାଠ ଅନୁକୂଳ

ରାଇରଙ୍ଗପୁର,୨୧।୪(ମାନସ ମହାନ୍ତି)

ଅକ୍ଷୟ ତୃତୀୟା ଅବସରରେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ଜୀଉଙ୍କ ରଥ କାଠ ଅନୁକୂଳ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଶ୍ରୀ ଜୀଉଙ୍କ ଠାରେ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ଏବଂ ହୋମ କାର୍ଯ୍ୟକ୍ରମ କରାଯାଇଥିଲା। ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ଦେବବ୍ରତ ରଥ ଶର୍ମା ପୂଜାର୍ଚ୍ଚନା ଏବଂ ହୋମ ଆଦି କାର୍ଯ୍ୟ କରିଥିଲେ। ମହାରଣା ମଧୁ ନାଏକଙ୍କ ସମେତ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ମହିଳାଙ୍କ ମୃତଦେହ ଜବତ

ରାଇରଙ୍ଗପୁର,୨୧।୪(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବାଦମପାହାଡ ଥାନା ଅନ୍ତର୍ଗତ ପଢିଆ ଗ୍ରାମରେ ସୋମବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତ ମହିଳା ଜଣଙ୍କ ହେଲେ ଧଲାଦଲ ମାଝୀଙ୍କ ସ୍ତ୍ରୀ ସୁମିତ୍ରା (୩୫)। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

## କର୍ମଚାରୀ ଅଭାବରୁ ହୋଇପାରୁନି ରକ୍ଷଣାବେକ୍ଷଣ

- ନିଷିଦ୍ଧାଞ୍ଚଳରେ ପ୍ରବେଶ କରୁଛନ୍ତି ଗୋରୁ
- ଅବ୍ୟବସ୍ଥା ଯୋଗୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

କପ୍ତିପଦା,୨୧।୪(ବିଷ୍ଣୁ ଚରଣ ପୁଥାଳ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକରେ ଥିବା କାଳ ମଧ୍ୟମ ଜଳସେଚନ ପ୍ରକଳ୍ପରେ କର୍ମଚାରୀ ଅଭାବ ଦେଖାଦେଇଛି। ରକ୍ଷଣାବେକ୍ଷଣ ଅଭାବରୁ ଡ୍ୟାମର ନିଷିଦ୍ଧାଞ୍ଚଳକୁ ଅବାଧରେ ଗୋରୁ ପ୍ରବେଶ କରୁଥିବାବେଳେ ଅବ୍ୟବସ୍ଥା କାରଣରୁ ପର୍ଯ୍ୟଟକମାନେ ମୁହଁ ଫେରାଉଛନ୍ତି।

ସୂଚନାଯୋଗ୍ୟ, କପ୍ତିପଦା ବ୍ଲକରେ ଏହି ଡ୍ୟାମଟି ୮୦ ଦଶକରେ କାର୍ଯ୍ୟକାରୀ ହୋଇଥିଲା। ଏଠାରେ ଏକ ବଙ୍ଗଳା ନିର୍ମାଣ ସାଙ୍ଗକୁ ଡ୍ୟାମର ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ମଧ୍ୟ ନିଯୁକ୍ତ କରାଯାଇଥିଲା। ଏଥିସହିତ ଡ୍ୟାମର ଦୁଇ ପାର୍ଶ୍ୱରେ ପ୍ରବେଶ ପାଇଁ ଫାଟକ ନିର୍ମାଣ କରାଯାଇଛି। ଅବାଧ ପ୍ରବେଶକୁ ରୋକିବା ପାଇଁ ଜଗୁଆଳି ମଧ୍ୟ ନିଯୁକ୍ତି ଦିଆଯାଇଥିଲା। ତେବେ ଗତ କିଛି ବର୍ଷ ହେଲା ଡ୍ୟାମର ଜଗାରଖା ପାଇଁ କର୍ମଚାରୀ ନ ଥିବାରୁ ଗୋରୁମାନେ ଅବାଧରେ ଡ୍ୟାମର ନିଷିଦ୍ଧାଞ୍ଚଳକୁ ପ୍ରବେଶ କରୁଛନ୍ତି। ଡ୍ୟାମ୍‌ର ସୌନ୍ଦର୍ଯ୍ୟକରଣ ପାଇଁ ୪ବର୍ଷ ତଳେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ହେଁ ଜଗୁଆଳି ନ ଥିବାରୁ ସୌନ୍ଦର୍ଯ୍ୟକରଣ ନିମନ୍ତେ ଲଗାଯାଇଥିବା ଉଜ୍ଜଳ ଆଲୋକକୁ ଦୁର୍ବୃତ୍ତମାନେ ଚୋରି କରି ନେଉଥିବା ଦେଖିବାକୁ ମିଳିଛି। ଏତଦ୍ ବ୍ୟତୀତ ଡ୍ୟାମ୍ ପାଇଁ ଉଦ୍ଦିଷ୍ଟ ବଙ୍ଗଳାକୁ ଆସୁଥିବା ପର୍ଯ୍ୟଟକମାନେ ବଙ୍ଗଳା ରହଣୀ ସମୟରେ ରୋଷେୟା ତଥା ରାତ୍ର ଜଗୁଆଳି ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବଙ୍ଗଳାରେ ଥିବା ରୋଷେୟା ଦୀର୍ଘଦିନ ହେଲା ଅବସର ନେଇ ସାରିଥିବାରୁ ଉକ୍ତ ପଦବୀ ଖାଲି ପଡ଼ିଛି। ବର୍ତ୍ତମାନ କେବଳ ୨ ଜଣ କର୍ମଚାରୀ ରହି କାର୍ଯ୍ୟ ତୁଲାଉଛନ୍ତି। ଅବ୍ୟବସ୍ଥା କାରଣରୁ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ କମୁଛି। ବିଭାଗୀୟ ଉଚ୍ଚ ଅଧିକାରୀ ସମସ୍ୟାଗୁଡ଼ିକୁ ସୁଧାରିବା ଦିଗରେ ପଦକ୍ଷେପ ନେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଅନନ୍ତ କୁମାର ମୁର୍ମୁଙ୍କୁ ପଚାରିବାରୁ ୨ ଜଣ କର୍ମଚାରୀ ଥିବାରୁ ରକ୍ଷଣାବେକ୍ଷଣ ସମ୍ଭବ ହୋଇପାରୁ ନାହିଁ ବୋଲି କହିଛନ୍ତି।


କାଳ ଡ୍ୟାମ୍ ନିଷିଦ୍ଧାଞ୍ଚଳରେ ବିଚରଣ କରୁଥିବା ଗୋରୁ।

